# Akashvani, Sambalpur

## SAMBALPURI NEWS MORNING BULLETIN

## 19 August 2026 - 6.47- 6.52 am.

---

ବଏଢ୍          ଆର୍ଏନ୍ୟୁ/ ସମ୍ବଲପୁର

ବଏଢ୍ ପ୍ରଭାବିତ୍ ଇଲାକା ନ ଆଘର୍ ସ୍ଥିତିକେ ଫିରେଇ ଆନ୍‌ବାର୍ ଆଉ ଲୁକ୍‌କୁ ସାହାଜ୍ ଯୁଗେଇ ଦେବାର୍‌ଟା ରାଜ୍ୟ ସର୍କାର୍‌ଙ୍କର୍ ସର୍ବୋଚ୍ଚ ପ୍ରାଥମିକତା ଆଏ । ଚୂଡ଼ାନ୍ତ ଆକଲନ୍ ଉତ୍ରୁ ଦର୍କାର୍ ଅନ୍‌ସାରେ ସାହାଜ୍ ଟଙ୍କା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପ୍ରଭାବିତ୍ ଇଲାକାମାନ୍‌କେ ପରିସ୍ଥିତି ସ୍ୱାଭାବିକ୍ ହେବାର୍‌ତକ୍ ରନ୍ଧା ଆଉ ସୁଖିଲା ଖାଏବାର୍ ଜିନିଷ୍ ସାଙ୍ଗେ ରିଲିଫ୍ ଚାଉଲ୍ ବାଂଟ୍‌ବାର୍‌ଟା ଜାରି ରହେବା । ଇତାର୍‌ସହେତେ ପ୍ରଭାବିତ୍ ପରିବାର୍‌ମାନ୍‌କୁ ସବୁଦିନିଆ ବେଭାର୍ ହେଉଥିବା କପ୍‌ଡ଼ାଲତା ଆଉ ବାସନ୍‌କୁସନ୍ ଘିନ୍‌ବାର୍ ଲାଗି ଭିଲ୍ ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ବଏଢ୍ ଇଲାକା ନ ସ୍ଥିତିର୍ ସମୀକ୍ଷା କର୍‌ବାର୍ ଉତ୍ରୁ ମୁଖ୍ୟମନ୍ତ୍ରୀ

ଗଲାକାଏଲ୍ ହଜାରେ କୋଟି ଟଙ୍କାର୍ ୧୦ ସୂତ୍ରୀ ଖାସ୍ ପେକେଜ୍ ଘୋଷନା କରିଛନ୍ ।

ରାଜ୍ୟପାଲ୍- ରିଲିଫ୍     ଆଇ ଆଣ୍ଡ୍ ପି.ଆର୍

ବଏଢ୍ ପ୍ରଭାବିତ୍ ଜିଲ୍ଲାମାନ୍‌କୁ ସାହାଜ୍ ପହଁଚାବାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଲୋକଭବନ୍ ନୁ ରେଡ଼କ୍ରସ୍‌ର ରିଲିଫ ସାମାନ ପଠେଇଛନ୍ । ଭାରତୀୟ ରେଡ଼କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟଶାଖା ତର୍‌ଫୁ ବାଲେଶ୍ୱର୍, ଭଦ୍ରକ୍, କେନ୍ଦ୍ରାପଡ଼ା ଆଉ ଯାଜ୍‌ପୁର୍ ଜିଲ୍ଲା ଲାଗି ରିଲିଫ୍ ସାହାଜ୍ ପଠାଯାଇଛେ । ଇ ଅବ୍‌ସରେ ରାଜ୍ୟପାଲ୍ ରେଡ଼କ୍ରସ୍‌ର ମାନବିକ୍ ସେବାକେ ପ୍ରଶଂସା କରିକରି ଯୁବରେଡ଼କ୍ରସ୍ ଆଉ ଯୁବ ସ୍ୱେଚ୍ଛାସେବୀ ମାନ୍‌କୁ ବିପର୍ଯ୍ୟୟ ମୁକାବିଲା ଆଉ ରିଲିଫ୍ କାମ୍‌ଥି ଅଏତ୍‌କା ସକ୍ରିୟ ହେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ବନ୍ୟା-ପ୍ରାଣୀସମ୍ପଦ୍     ଆଇ ଆଣ୍ଡ୍ ପି.ଆର୍

ବଏଡ୍ ପ୍ରଭାବିତ୍ ଇଲାକା ନ ପ୍ରାଣୀ ସୁରକ୍ଷାକେ ପ୍ରାଥମିକତା ଦିଆୟାଉଛେ । ଯଥେଷ୍ଟ ପରିମାଣ୍‌ର ଗୋଖାଦ୍ୟ ମହଜୁଦ୍ ଥିବାର୍ ବେଲେ ବଏଡ୍ ପ୍ରଭାବିତ୍ ଜିଲ୍ଲା ନ ଦର୍‌କାର୍ ଅନ୍‌ସାରେ ତୁର୍‌ତି ଯୁଗେଇ ଦିଆୟାଉଛେ । ବଏଡ୍‌କେ ନଜର୍‌ଥି ରଖିକରି ପ୍ରାଣୀସମ୍ପଦ୍‌ର ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍‌କେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ ଜୋର୍ ଦେଇଛନ୍ । ପ୍ରାଣୀ ମାନ୍‌କର୍ ସୁରକ୍ଷା ଆଉ ପ୍ରାଣୀପାଲକ୍‌ମାନ୍‌କୁ ଠିକ୍ କ୍ଷତିପୂରଣ୍ ଦେବାର୍ ଲାଗି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଅଭିଯୋଗ୍ ଶୁଣାଣି ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ନ ଆଏବା ୨୪ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ୟୁନିଟ୍-୨ ଅଶୋକ୍ ନଗର୍ ଆଘର୍ ସର୍‌କାରୀ ପ୍ରାଥମିକ୍ ବିଦ୍ୟାଳୟ ନ ସଖାଲର୍ ୮ ବଜୁ ଶୁଣାଣି ମୁଲ୍ ହେବା । ଇଥିର୍‌ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ କର୍‌ବାର୍‌କେ ହେବା ।

ଆଗ୍ରହୀ ଲୁକେ ଜନଶୁଣାଣି ପୋର୍ଟାଲ୍ କି ଜନଶୁଣାଣି ମୋବାଇଲ୍ ଆପ୍ ଜରିଏ ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍‌ବାର୍ ଲାଗି ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଇନ୍‌ଜୀବୀ-ନାଁ ସୁପାରିଶ୍ କଟକ୍ ସମ୍ବାଦଦାତା

ଓଡ଼ିଶା ହାଇକୋର୍ଟର ବିଚାର୍‌ପତି ଭାବେ ନିଯୁକ୍ତି ଲାଗି ୪ ଝନ୍ ଆଇନ୍‌ଜୀବୀଙ୍କର୍ ନାଁ ସୁପ୍ରିମ୍‌କୋର୍ଟ କୋଲିଜିୟମ୍ ସୁପାରିଶ୍ କରିଛନ୍ । ବିଶିଷ୍ଟ ଆଇନ୍‌ଜୀବୀ ସସ୍ମିତା ତ୍ରିପାଠୀ, ଆଦିତ୍ୟ ନାରାୟଣ୍ ଦାସ, ରଜିତ୍ ରାୟ ଆଉ ଗୌତମ୍ ମିଶ୍ରଙ୍କୁ ଓଡ଼ିଶା ହାଇକୋର୍ଟର ବିଚାର୍‌ପତି ଭାବେ ନିଯୁକ୍ତି ବାବଦ୍ ପ୍ରସ୍ତାବ୍‌କେ ସୁପ୍ରିମ୍‌କୋର୍ଟ କୋଲିଜିୟମ୍‌ଙ୍କର୍ ଗଲାକାଲିର ବୈଠକ୍‌ଥି ଅନୁମୋଦନ୍ ଦିଆଯାଇଛେ । ସୁପ୍ରିମ୍‌କୋର୍ଟ କୋଲିଜିୟମଙ୍କର୍ ସୁପାରିଶ୍‌କେ କେନ୍ଦ୍ର ସର୍‌କାର୍‌ଙ୍କର୍ ଅନୁମୋଦନ୍ ମିଲ୍‌ଲା ଉତ୍‌ରୁ ନିଯୁକ୍ତି ବାବଦ୍ ଚୂଡ଼ାନ୍ତ ବିଜ୍ଞପ୍ତି ବାହାର୍‌ବା ।

ମାନବାଧିକାର୍ ସଦସ୍ୟ ନିଯୁକ୍ତ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଓଡ଼ିଶା ମାନବାଧିକାର୍  କମିଶନ୍‌ର ସଦସ୍ୟ ଭାବେ ଆଇନ୍‌ଜୀବୀ ବିରଜା ଶଙ୍କର୍ ମିଶ୍ରଙ୍କୁ ନିଯୁକ୍ତ କରିଛନ୍ । ଇ ବାବ୍‌ଦେ ରାଜ୍ୟ ସର୍‌କାର୍‌ଙ୍କର୍ ଆଇନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ବିଦେଶ୍ ଶିକ୍ଷାବୃତି ଯୋଜ୍‌ନା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନୁସୂଚିତ ଜାତି ଆଉ ଜନଜାତି ବର୍ଗର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବିଦେଶ୍ ଶିକ୍ଷାବୃତି ଯୋଜ୍‌ନା ମୁଲ୍ ହେଇଛେ ।  ଛାତ୍ରଛାତ୍ରୀମାନେ କ୍ୟୁଏସ୍ ରେଙ୍କିଙ୍ଗ୍‌ଥି ପହେଲା ୨ ଶହ ଠାନେ ଥିବା ବିଦେଶୀ ଶିକ୍ଷାନୁଷ୍ଠାନ୍ ନ ସ୍ନାତକୋତର ଆଉ ପିଏଚ୍‌ଡି ପାଠ୍ୟକ୍ରମ୍‌ଥି ନାଁଲେଖେଇପାର୍‌ବେ । ଇଥିର୍‌ଲାଗି ଆଏଜ୍‌ଠାନୁ ଆଏବା ୩୧ ତାରିଖ୍‌ତକ୍ ଆବେଦନ୍ କରାଯାଇପାର୍‌ବା । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ scholarship.odisha.gov.in/home ଥି ଆବେଦନ୍

କରିପାର୍‌ବେ ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ଫଟୋଗ୍ରାଫି ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଫଟୋଗ୍ରାଫି ଦିବସ୍ । ୧୮୩୯ ମସିହା ଜାନୁଆରୀ ମାସ ୯ ତାରିଖ୍ ଦିନ ପୁର୍‌ଥି ନ  ପହେଲାକରି ଫଟୋଗ୍ରାଫି ମୁଲ୍ ହେଇଥିଲା । ଫ୍ରାନ୍ସ ବୈଜ୍ଞାନିକ ଯୋଶେଫ୍ ଆର୍ ଲୁଇସ୍ ଫଟୋଗ୍ରାଫି ଆରମ୍ଭ୍ କରିଥିଲେ । ହେଲେ ଫ୍ରାନ୍ସ ସର୍‌କାର୍ ଇ ବିଷେଥି ୧୮୩୯ ମସିହା ଅଗଷ୍ଟ ମାସ ୧୯ ତାରିଖ୍‌ଥି ଘୋଷ୍‌ନା କରିଥିବାର୍‌ନୁ ଆଝିର୍ ଦିନ୍‌କେ ବିଶ୍ୱ ଫଟୋଗ୍ରାଫି ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୧୦ ମସିହାନୁ ଫଟୋଗ୍ରାଫିର ଲୋକପ୍ରିୟତା ବଢ଼ିଛେ ।

ବୈଠକ୍        ଆର୍‌ଏନ୍‌ୟୁ/ କଟକ୍

ବଲାଙ୍ଗିର ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ଯୋଜ୍‌ନା ବୋର୍ଡ୍ ଅଧ୍ୟକ୍ଷ ଆଉ ବିଧାୟକ୍ ଲକ୍ଷ୍ମଣ ବାଗ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ

ବୈଠକ୍ ହେଇଯାଇଛେ । ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ଜିଲ୍ଲାର୍ ସବୁ ବିଧାୟକ୍ମାନେ ଯୋଗ୍ ଦେଇକରି ଭିନ୍ ଭିନ୍ ସମସ୍ୟା ବାବ୍ଦେ ଆଲୋଚନା କରିଛନ୍ ।

ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଲୟ ନ ଉଚ୍ଚଶିକ୍ଷା ପରିଷଦ୍ ଆଉ ସର୍କାର୍ଙ୍କର୍ ମହିଳା ସୁରକ୍ଷା ସଚେତନତା ବିଭାଗ୍ ଶକ୍ତିଶ୍ରୀ ତର୍ଫୁ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ୍ ହେଇଯାଇଛେ । ଛାତ୍ରୀମାନ୍କୁ ସଚେତନ୍ ରହିକରି ନିର୍ଭୀକ୍ ଭାବେ ସୁରକ୍ଷିତ୍ ରହେବାର୍ ଭିନ୍ ଭିନ୍ ପଦକ୍ଷେପ୍ ବାବ୍ଦେ ଅତିଥି ମାନେ ଆଲୋଚନା କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ଅବପାତ୍ଥି ବଦ୍ଲିବାର୍ ଉତ୍ରୁ ଉତର୍ ପଶ୍ଚିମ ଦିଗ୍କେ ଯାଉଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ ।

ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏଜ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ ବର୍‌ଗଡ଼୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାର୍ ସହେତେ ବୌଦ୍ଧ, ସୁବର୍ଣ୍ଣପୁର୍, ବଲାଙ୍ଗିର୍, ଦେବ୍‌ଗଡ଼୍, ଅନୁଗୁଲ୍, ମୟୁର୍‌ଭଞ୍ଜ୍ ଆଉ କେନ୍ଦୁଝର୍ ଜିଲ୍ଲା ନ ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।